# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**01st April - 2026**

***************************************

***Desk***

# ଉତ୍କଳ ଦିବସ-୨୦୨୬

ଓଡ଼ିଶା ଆଜି ପାଳନ କରୁଛି ତା'ର ପ୍ରତିଷ୍ଠା ଦିବସ । ୧୯୩୬ ମସିହା ଏପ୍ରିଲ ମାସ ଆଜିର ଦିନରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ଗଠନ କରାଯାଇଥିଲା । ଉତ୍କଳ ଦିବସ' ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଏବଂ ଗୌରବର ଦିନ । ବିଶ୍ୱର ୨୦ଟି ସମୃଦ୍ଧ ସଭ୍ୟ ଓ ସୃଜନଶୀଳ ଭାଷା ମଧ୍ୟରୁ ଓଡ଼ିଆ ଭାଷା ଗୋଟିଏ । ଓଡ଼ିଆ ଭାଷା ତା'ର କଳା, ସଂସ୍କୃତି, ଐତିହ୍ୟ ଏବଂ ଭାସ୍କର୍ଯ୍ୟରେ ପରିପୂର୍ଣ୍ଣ ଇତିହାସକୁ ନେଇ ବିଶ୍ୱରେ ଖ୍ୟାତିଲାଭ କରିଛି । ପରାଧୀନ ଶୃଙ୍ଖଳରୁ ମୁକ୍ତ ହୋଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କଠାରୁ ଆରମ୍ଭ କରି ସ୍ୱଭାବକବି ଗଙ୍ଗାଧର ମେହେର, କର୍ମବୀର ଗୌରୀଶଙ୍କର ରାୟଙ୍କ ପର୍ଯ୍ୟନ୍ତ ମହାନ୍ ବ୍ୟକ୍ତିତ୍ୱଙ୍କର ଓଡ଼ିଆ ଭାଷା, ସାହିତ୍ୟ ସହିତ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ୧୯୫୪ ମସିହାରେ ଭାଷା ଆଇନ୍ ସଂଶୋଧିତ ହୋଇ ଓଡ଼ିଆ ଭାଷା ସରକାରୀ ଭାଷାର ମାନ୍ୟତା ପାଇଥିଲା ।

ଉତ୍କଳ ଦିବସ ଉପଲକ୍ଷେ ରାଷ୍ଟ୍ରପତି, ରାଜ୍ୟପାଳ, ବାଚସ୍ପତି ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ରାଜ୍ୟସ୍ତରୀୟ ଉତ୍କଳ ଦିବସ ସମାରୋହ ଆଜି ଅପରାହ୍ଣ ସାଢ଼େ ୫ଟା ସମୟରେ କୃଷି ଶିକ୍ଷା ସଦନ - ଓ.ୟୁ.ଏ.ଟି. ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

***Desk***

# ଜନଗଣନା

ଦେଶବ୍ୟାପୀ ଆଜିଠାରୁ ଜନଗଣନା ଆରମ୍ଭ ହେଉଛି। ଜନସଂଖ୍ୟା, ଗୃହ ଓ ସାମାଜିକ ତଥା ଅର୍ଥନୈତିକ ସୂଚକ ଉପରେପ ଜନଗଣନାରେ ବଡ଼ଧରଣର ତଥ୍ୟ ସଂଗ୍ରହ କରାଯିବ । ପ୍ରଥମ ପର୍ଯ୍ୟାୟରେ ୧୫ ଦିନ ଧରି ସ୍ୱ-ଗଣନା କରାଯିବ। ଜଣେ ନାଗରିକ se.census.gov.in ପୋର୍ଟାଲ୍ କିମ୍ବା ମୋବାଇଲ୍ ଆପ୍ ଜରିଆରେ ୩୩ଟି ପ୍ରଶ୍ନର ଉତ୍ତର ଦେଇ ନିଜର ତଥ୍ୟ ପ୍ରଦାନ କରିପାରିବେ । ଜନଗଣନା କାର୍ଯ୍ୟାଳୟ ପକ୍ଷରୁ  ପ୍ରଥମ ଥରପାଇଁ ଡିଜିଟାଲ ଜନଗଣନା ଦେଶରେ ଆରମ୍ଭ ହେଉଛି। ଏହାପରେ ଆସନ୍ତା ୧୬ ତାରିଖରୁ ମଇ ମାସ ୧୫ ତାରିଖ ପର୍ଯ୍ୟନ୍ତ ଜନଗଣନାକାରୀମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ । ରାଜ୍ୟରେ ଜନଗଣନାପାଇଁ ୧ ଲକ୍ଷ ୨୦ ହଜାରରୁ ଅଧିକ ଶିକ୍ଷକ ଓ କର୍ମଚାରୀ ସାମିଲ୍ ହେବେ । ଜନଗଣନା ସୂଚନା

ଅଧିକାର ଆଇନ - ଆର.ଟି.ଆଇ. ପରିସରଭୁକ୍ତ ହେବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

***Desk***

## ବିଧାନସଭା

ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଗତକାଲି ଶେଷ ହୋଇଛି । ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅନିର୍ଦ୍ଦିଷ୍ଟ କାଳପାଇଁ ମୁଲତବୀ ରଖିଛନ୍ତି । ଦ୍ୱିତୀୟ ଅଧିବେଶନରେ ୨୯ଟି କାର୍ଯ୍ୟଦିବସ ମଧ୍ୟରୁ ୨୨ଟି କାର୍ଯ୍ୟଦିବସ ଗୃହରେ ଚାଲିଥିଲା। ଅଧିବେଶନର ଶେଷଦିନରେ ଗତକାଲି ଚଳିତ ଆର୍ଥିକ ବର୍ଷପାଇଁ ବ୍ୟୟ ମଞ୍ଜୁରି ବିଧେୟକ ପାରିତ ହୋଇଥିଲା । ଏଥିସହିତ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡର୍) ସଂରକ୍ଷଣ ବିଧେୟକ-୨୦୨୬ ଗୃହର ଅନୁମୋଦନ ଲାଭ କରିଥିଲା । ବିଧାନସଭାର ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ମାସ ୧୭ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ମାସ ୯ ତାରିଖରୁ ଆରମ୍ଭ ହୋଇଥିଲା।

*Desk*

# ଏସ୍.ଆଇ.ଆର୍.

ରାଜ୍ୟରେ ଆଜିଠାରୁ ଆରମ୍ଭ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍.ଆଇ.ଆର.କୁ ସ୍ଥଗିତ ରଖାଯାଇଛି। ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏସ୍.ଆଇ.ଆର.କୁ ସ୍ଥଗିତ ରଖାଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍. ଗୋପାଳନ କହିଛନ୍ତି ।

*Desk*

# ଖଡ଼ିଛୁଆଁ ଉତ୍ସବ

ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କର 'ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ' ଆସନ୍ତାକାଲି ପରିବର୍ତ୍ତେ ୪ ତାରିଖରୁ ଆରମ୍ଭ ହେବ ବୋଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ - ଓସେପା ପକ୍ଷରୁ କୁହାଯାଇଛି । ଏହି ଅବସରରେ ଶିକ୍ଷା ସଚେତେନତା ରଥ ପ୍ରତ୍ୟେକ ଜିଲ୍ଲାରେ ପରିକ୍ରମା କରି ସଚେତନତା ସୃଷ୍ଟି କରିବ । ବିଦ୍ୟାଳୟଗୁଡ଼ିକରେ ନୂତନ ନାମଲେଖା ଓ ଶିକ୍ଷାବର୍ଷର ଶୁଭାରମ୍ଭକୁ ଉତ୍ସବମୁଖର କରିବାପାଇଁ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

*Rayagada, Kandhamal/R*

## ମାଓ ସାମଗ୍ରୀ ଜବତ

ରାୟଗଡ଼ା ପୁଲିସ୍ ପକ୍ଷରୁ ରାୟଗଡ଼ା-କନ୍ଧମାଳ ସୀମାନ୍ତ ଅଞ୍ଚଳରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ସୂଚନା ଅନୁସାରେ ମୁନିଗୁଡ଼ା ଓ ଆମ୍ବଦଳା ଥାନା ଅଞ୍ଚଳରୁ ଡିଟେନେଟର, ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଓ ଲାପ୍‌ଟପ୍ ଜବତ କରାଯାଇଛି ।

ଅନ୍ୟପକ୍ଷରେ କନ୍ଧମାଳ ଜିଲ୍ଲା ଦାରିଙ୍ଗ୍‌ବାଡ଼ି ଜଙ୍ଗଲର ଏକ ପରିତ୍ୟାକ୍ତ ସ୍ଥାନରୁ ବିପୁଳ ପରିମାଣର ମାଓ ସାମଗ୍ରୀ ସହିତ ୭ଟି ବନ୍ଧୁକ, ୧୦ଟି ଗ୍ରେନେଡ୍ ଓ ଗୁଳିଗୋଳା ଜବତ କରାଯାଇଛି ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ହରୀଶ ବି. ସି. କହିଛନ୍ତି ।

*Ganjam/R*

## ଡିଜିଟାଲ୍ ପେମେଣ୍ଟ ଡାକଘର

ଯୁବପିଢ଼ିଙ୍କୁ ଡାକବିଭାଗର ବିଭିନ୍ନ ସେବା ପ୍ରତି ଆକର୍ଷିତ କରିବା ଲକ୍ଷ୍ୟରେ ଦକ୍ଷିଣ ଓଡ଼ିଶାର ପ୍ରଥମ ଏନ୍-ଜେନ୍ ଡାକଘର ବ୍ରହ୍ମପୁର ବଡ଼ମେଡିକାଲ ପରିସରରେ ଥିବା ଉପଡାକଘରରେ ଆରମ୍ଭ ହୋଇଛି । ଡିଜିଟାଲ୍ ପେମେଣ୍ଟ, ସେଲ୍‌ଫି ପଏଣ୍ଟ, ଗ୍ରନ୍ଥାଗାର ସହିତ ଚେସ୍ ଖେଳିବାପାଇଁ ବ୍ୟବସ୍ଥା ଏହି ଡାକଘରେ ଉପଲବ୍ଧ ଅଛି ।

*Nuapada, Malkangiri/R*

# ଜନଗଣନା - ସଚେତନତା ର୍ୟାଲି

ଜାତୀୟ ଜନଗଣନା-୨୦୨୭ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଗତକାଲି ଏକ ବିଶାଳ ସଚେତନତା ର୍ୟାଲି ଆୟୋଜନ କରାଯାଇଥିଲା । ଜନଗଣନାରେ ସମସ୍ତଙ୍କୁ ସକ୍ରିୟ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଥିଲା ।

ମାଲକାନଗିରି ଜିଲ୍ଲାରେ ଜନଗଣନା କାର୍ଯ୍ୟ ପ୍ରସ୍ତୁତି ସମ୍ପର୍କରେ ଏକ ଆଭାସୀ ବୈଠକରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ତ୍ରୁଟିଶୂନ୍ୟ ଜନଗଣନା କାର୍ଯ୍ୟ ଓ ତଥ୍ୟସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ ।

*Sonepur/R*

# ଟ୍ରାନ୍ସଜେଣ୍ଡର ଦୃଶ୍ୟମାନତା

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟମାନତା ଦିବସ ପାଳନ କରାଯାଇଛି । ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ତୃତୀୟଲିଙ୍ଗ ବ୍ୟକ୍ତିବିଶେଷଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ସହିତ ସେମାନଙ୍କୁ ସମ୍ମାନଜନକ ଶବ୍ଦରେ ସମ୍ବୋଧନ କରିବାପାଇଁ ସୁପାରିସ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା ।

*Nuapada, Nayagarh/R*

# ଦୀନଦୟାଲ୍ - ପ୍ରଶିକ୍ଷଣ ଶିବିର

ନୂଆପଡ଼ା ଜିଲ୍ଲା ଖଡିଆଳ ନଗର ମଣ୍ଡଳ ପକ୍ଷରୁ ପଣ୍ଡିତ ଦୀନଦୟାଲ୍ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସଚ୍ଚୋଟ ନାଗରିକଙ୍କ ଭୂମିକା ନେଇ ଶିବିରରେ ତାଲିମ ପ୍ରଦାନ କରାଯାଇଥିଲା ।

ନୟାଗଡ଼ ଜିଲ୍ଲା ଗଣିଆଠାରେ ଆୟୋଜିତ ଶିବିରରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ପଣ୍ଡିତ ଦୀନଦୟାଲ୍‌ଙ୍କ ଅନ୍ତ୍ୟୋଦୟ ଦର୍ଶନ ଓ ଏକାତ୍ମ ମାନବବାଦ ସମ୍ପର୍କରେ ଆଲୋଚନା କରିଥିଲେ ।

*****